# CBSE
# Sample Question Paper, 2026-27
# CLASS-X
## ODIA (013)

Time Allowed-3Hrs                                                    Maximum Marks-80

**General Instruction:**

1. The Question Paper has total 14 questions and 7 printed pages.
2. It is divided into 4 Sections: -
   - Section -A: Question No. 1 - 01 Question- 10 Marks
   - Section -B: Question No. 2 and 3 - 02 Questions- 12 Marks
   - Section -C: Question No. 4 to 7 - 04 Questions- 10 Marks
   - Section -D: Question No. 8 to 14 - 07 Questions- 48 Marks
3. Attempt the questions as per specific instruction.
4. Write down the serial number of the questions in the answer book before attempting it.
5. 15 minutes time has been allotted to read this question paper. The question paper will be distributed at 10.15 am. From 10.15 am to 10.30 am, the students will read the question paper only and will not write any answer on the answer book during this period.

### SECTION-A

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।                    5 x 2 = 10

ସମସ୍ୟା ଓ ସଂଘର୍ଷ ନଥିଲେ ଜୀବନ ପରିପୂର୍ଣ୍ଣ ହୋଇପାରେ ନାହିଁ । ଯାତ୍ରାପଥରେ ବାଧା ଆସିବାଟା ଥୟ । ଯେତେ ସତର୍କ ହୋଇ ଯାତ୍ରା କଲେ ବି ବେଳେବେଳେ ଆକସ୍ମିକ ବିପଦ ଆସି ପହଞ୍ଚେ । ବିପଦ ସମୟରେ ଆମର ସବୁଠୁ ବଡ଼ ସହାୟକ ହେଉଛି ଧୈର୍ଯ୍ୟ । ଧୈର୍ଯ୍ୟ ମଣିଷକୁ ସ୍ଥିରଚିତ୍ତ କରାଏ । ଧୈର୍ଯ୍ୟର ଅନୁପସ୍ଥିତିରେ ଆମେ ବୁଦ୍ଧିବିଚାର ଶୂନ୍ୟ ହୋଇ ଭୁଲ୍ ନିଷ୍ପତ୍ତିମାନ ନେଇଥାଉ । ଭୁଲ୍ ନିଷ୍ପତ୍ତିର କାର୍ଯ୍ୟକାରିତା ସମସ୍ୟାକୁ ଜଟିଳତର କରେ ସିନା, ସମାଧାନ ପାଖରେ ପହଞ୍ଚାଇପାରେ ନାହିଁ । ଏହି କାରଣରୁ ଅନେକ ବ୍ୟକ୍ତି ବାଟବଣା ହୋଇଯାଆନ୍ତି ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ନାହିଁ । ଏହା ଧ୍ରୁବସତ୍ୟ ଯେ ପ୍ରତ୍ୟେକ ସମସ୍ୟାର ଏକାଧିକ ସମାଧାନ ରହିଛି, ଯାହା ଅନେକ ସମୟରେ ଆମକୁ ଦିଶେ ନାହିଁ । ସମସ୍ୟାର ଜାଲରେ ଛନ୍ଦି ହୋଇ ଆମେ ନୈରାଶ୍ୟର ଶିକାର ହେଉ । ଏହି ସମୟରେ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ଆମପ୍ରତି ସହାନୁଭୂତିଶୀଳ ହୋଇ ସମାଧାନର ମାର୍ଗ ବତେଇଦିଅନ୍ତି । ଆମ ଅସୁବିଧାରୁ ଫାଇଦା ଉଠାଇବା ପ୍ରସଙ୍ଗ ଆଦୌ ଚିନ୍ତା କରନ୍ତି ନାହିଁ । ହେଲେ ଯେଉଁମାନେ ତଥାକଥିତ ବନ୍ଧୁ,

ଆମ ଅସୁବିଧା ବେଳେ ସେମାନେ ବିପଦକୁ ଡରି ଦୂରେଇଯିବା ସହ ଆପଣା ସ୍ୱାର୍ଥପୂରଣ କଥା ଆଗେ ଭାବିବସନ୍ତି । ବିଚାରବନ୍ତ ମଣିଷର ଅସଲ ପରୀକ୍ଷା ବିପଦ ସମୟରେ ହିଁ ହୋଇଥାଏ । ବିପଦର କଷଟି-ପଥରରେ କଷି ହେବାପରେ ମଣିଷ ଆହୁରି ଦୃଢ଼ ହୋଇଯାଏ, ବାସ୍ତବ ଅର୍ଥରେ ସ୍ଥିତପ୍ରଜ୍ଞ ପାଲଟିଯାଏ ।

(i) ଆମେ କେତେବେଳେ ଭୁଲ୍ ନିଷ୍ପତ୍ତିମାନ ନେଇଥାଉ?

(ii) ବନ୍ଧୁ ଓ ଶୁଭେଚ୍ଛୁମାନେ କେଉଁ ଭୂମିକା ନିର୍ବାହ କରନ୍ତି?

(iii) ଜୀବନକୁ କିଏ ପରିପୂର୍ଣ୍ଣ କରିଥାଏ?

(iv) ତଥାକଥିତ ବନ୍ଧୁମାନେ କାହିଁକି ଦୂରେଇଯା'ନ୍ତି?

(v) ବାସ୍ତବ ଅର୍ଥରେ ସ୍ଥିତପ୍ରଜ୍ଞ କାହାକୁ କୁହାଯିବ?

## SECTION-B

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 1 x 6 = 6

(i) ବିଜ୍ଞାନର ବରଦାନ

(ii) ଭାରତରେ ଗଣତନ୍ତ୍ରର ସଫଳତା

(iii) ଗଣମାଧ୍ୟମର ଉପଯୋଗିତା

3. 'ସ୍ୱଳ୍ପ ସଞ୍ଚୟ ଯୋଜନା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ । 1 x 6 = 6

**OR (କିମ୍ବା)**

"ବିଦ୍ୟା ଅଟଇ ମହାଧନ" ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION-C

4. ଲକ୍ଷଣ, ଉଦାହରଣ, ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ । 1 x 4 = 4

(i) ଭାଗବତବାଣୀ

(ii) ବଙ୍ଗଳାଶ୍ରୀ

5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କରି ଲେଖ ।(ଯେକୌଣସି 2ଟିର) 2 x 1 = 2

(i) ମନୋଜ ଶ୍ରେଣୀରେ ବସିଲା, ମାତ୍ର ପଢ଼ିପାରିଲା ନାହିଁ। (ସରଳବାକ୍ୟ କର)

(ii) ଘରେ ଅଶାନ୍ତି ଦେଖା ଦେଇଥିବାରୁ ମୁଁ ସଭାକୁ ଯାଇପାରିବି ନାହିଁ। (ଯୌଗିକବାକ୍ୟ କର)

(iii) ସଂଖ୍ୟାଗରିଷ୍ଠ ଦଳର ନେତା ଶାସନମୁଖ୍ୟ ହୋଇଥାନ୍ତି। (ଜଟିଳବାକ୍ୟ କର)

6. ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର ।(ଯେକୌଣସି 2ଟିର) 2 x 1 = 2

(i) ଝିମିଟି ଖେଳରୁ ମହାଭାରତ

(ii) ଭାଲୁ ଧରାଇବା

(iii) ପ୍ରସାଦ ପରି ପାଇଦେବା

7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ କରି ଲେଖ ।(ଯେକୌଣସି 2ଟିର) 2 x 1 = 2

(i) ଆଶୀଷ

(ii) ଅହୋରାତ୍ରି

(iii) ବ୍ୟବହାରିକ

## SECTION-D

8. ସପ୍ରସଙ୍ଗ ସରଳାର୍ଥ ଲେଖ (ଯେକୌଣସି 1ଟିର) 1 x 5 = 5

(i) ଏହାର ଶେଷଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି।

(ii) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ।

9. ସଂକ୍ଷେପରେ ଉତ୍ତର ଲେଖ। (ଯେକୌଣସି 3ଟିର) 3 x 2 = 6

(i) ଲେଖକ ଜନ୍ମଭୂମି ପଲ୍ଲୀକୁ ନିଜର ମା' ବୋଲି ଭାବିଛନ୍ତି କାହିଁକି?

(ii) ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିବ ବୋଲି ପ୍ରବନ୍ଧରେ କୁହାଯାଇଛି?

(iii) ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରେଇ ରଖିଛି ବୋଲି ଲେଖକ ଲେଖିଛନ୍ତି?

(iv) ବିବେକାନନ୍ଦଙ୍କ ଅସଲ ଶକ୍ତି କ'ଣ?

(v) ଗ୍ରାମର ସାଧାରଣ ଯୁବକମାନେ କିପରି ସମୟ ବିତାନ୍ତି?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ। 10 x 1 = 10

(i) କୃଷ୍ଣଙ୍କ ଅନୁପସ୍ଥିତିରେ କାହାର ଚକ୍ଷୁ ଅନ୍ଧୀଭୂତ ହୋଇଯାଇଥିଲା?

(A) ରାଧା (B) ନନ୍ଦ ଯଶୋଦା

(C) ଗୋପୀ-ଗୋପାଳ (D) ଅଷ୍ଟପାଟବଂଶୀ

(ii) ଆଭିଜାତ୍ୟ ବଦଳରେ କ'ଣ ଛାଡ଼ିବା ସମ୍ଭବ ହୋଇଥାଏ?

(A) ଶାରୀରିକ ଶ୍ରମ (B) ଅନ୍ଧବିଶ୍ୱାସ

(C) ରାଜନୀତି (D) ଗ୍ରାମ୍ୟ ପରିବେଶ

(iii) ଭାରତୀୟ ଅର୍ଥନୈତିକ ବେଷ୍ଟନୀରେ କେଉଁ ଶିକ୍ଷାପଦ୍ଧତିକୁ ଥୋଇ ଦିଆହୋଇଛି?

(A) ଗୁରୁକୁଳ (B) ପ୍ରାଚ୍ୟ

(C) ପାଶ୍ଚାତ୍ୟ (D) ପୌରାଣିକ

(iv) ପ୍ରାଚୀନ ସଭ୍ୟତା କାହାକୁ ପଥପ୍ରଦର୍ଶକ ବୋଲି ଧରି ନେଇଥିଲା?

(A) ଆଧ୍ୟାତ୍ମିକତା (B) ବିଜ୍ଞାନ

(C) ଭୋଗବିଳାସ (D) ଅନ୍ଧବିଶ୍ୱାସ

(v) ବର୍ତ୍ତମାନର ପୃଥିବୀରେ ସଭ୍ୟତାର ଆଦର୍ଶ କ'ଣ?

(A) ମାରାତ୍ମକ ଗ୍ୟାସ ଉଦ୍ଭାବନ (B) ଅତ୍ୟଧିକ ଈଶ୍ୱରବିଶ୍ୱାସକୁ ପ୍ରୋତ୍ସାହନ

(C) ସୃଷ୍ଟିର ରହସ୍ୟ ଉନ୍ମୋଚନ (D) ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ

(vi) ମାତୃଭାଷାକୁ କିଏ ମାତୃସ୍ତନ୍ୟ ପରି ମୂଲ୍ୟବାନ ମନେ କରୁଥିଲେ?

(A) ଗାନ୍ଧିଜୀ (B) ରବୀନ୍ଦ୍ରନାଥ

(C) ଅନ୍ନଦାଶଙ୍କର ରାୟ (D) ଲେଖକ

(vii) ଇଂରେଜ ଶାସକମାନେ କାହାବଳରେ ଜନତାକୁ ଦୂରରେ ରଖିଥିଲେ?

(A) ଶାସନ କଳ (B) ଇଂରେଜି ଭାଷା

(C) ତା'ଙ୍କ ପ୍ରତାପ (D) ପ୍ରଲୋଭନ

(viii) 'ନରେନ୍ଦ୍ରରୁ ବିବେକାନନ୍ଦ' ପ୍ରବନ୍ଧଟି କେଉଁ ପୁସ୍ତକର ଅଂଶବିଶେଷ?

(A) ଆଧୁନିକତାର ରୂପରେଖ (B) ଛତ୍ରପତି ବିବେକାନନ୍ଦ

(C) ସଂସ୍କୃତି ଅପସଂସ୍କୃତି (D) ଏଣୁ ତେଣୁ କିଛି

(ix) ଉଡ଼ିଯାଇଥିବା ପକ୍ଷୀଦଳଙ୍କ ଭିତରୁ କିଏ କେତେବେଳେ ଫେରିବ ତା’କୁ ଅପେକ୍ଷା କରି କିଏ ଏକୁଟିଆ ମଠକୁ ଜଗିଥିଲେ?

(A) ସ୍ୱାମୀ ବିବେକାନନ୍ଦ  (B) ସୁରେଶ ଚନ୍ଦ୍ର ମିତ୍ର

(C) ସ୍ୱାମୀ ସଦାନନ୍ଦ  (D) ସ୍ୱାମୀ ରାମକୃଷ୍ଣାନନ୍ଦ

(x) ମଣିଷକୁ ନବଦଳେଇ କାହାକୁ ଭାଙ୍ଗିହେବ ନାହିଁ?

(A) ପୁରୁଣା ସମାଜ  (B) ଧାର୍ମିକ ବିଶ୍ୱାସ

(C) ପାଠୁଆ ଅପାଠୁଆର ପାଚେରି  (D) ପୁରୁଣା ଆଇନ

11. ସପ୍ରସଙ୍ଗ ସରଳାର୍ଥ ଲେଖ (ଯେକୌଣସି 1ଟିର)  1 x 5 = 5

(i) ଘନଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ ।

(ii) ଭିନ୍ନ କରି ସେ ତନ୍ଦ୍ରାପରଶ
ହସାଅ ଭୁବନ ସାରା ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର)  3 x 2 = 6

(i) ସିଂଘନାଦ କିପରି ଗତି କରି ଭୀମଙ୍କ ହସ୍ତକୁ ଆସିଲା?

(ii) ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ?

(iii) ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି?

(iv) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି?

(v) ଆମ ମନ ସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ ।  10 x 1 = 10

(i) ଉତ୍କଳ ଜନନୀଙ୍କ ଚକ୍ଷୁ କାହାର ପ୍ରଦର୍ଶନରେ ଉଦ୍‌ଭାସିତ?

(A) ଅନିନ୍ଦ୍ୟ କୀର୍ତ୍ତି  (B) ଜ୍ଞାନବିଜ୍ଞାନ

(C) ସୁନ୍ଦରଶାଳି  (D) ଅରିକୁଳ ଶୋଣିତ

(ii) ଭୀମ କେଉଁ ଦୈତ୍ୟକୁ ମାରି କୈଳାସ ଉଦ୍ଧାର କରିଥିଲେ?

(A) ଅଶ୍ଳେଷା (B) ନିକୁମ୍ଭ

(C) ସୁନ୍ଦ (D) ଚାଣୂର

(iii) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କେଉଁଥିରେ ଶୟନ କରିଥିଲେ?

(A) ବାଲୁକାଶେଯ (B) ଶରଶେଯ

(C) ଜଳଶେଯ (D) କୁଶଶେଯ

(iv) ପାପଗର୍ତ୍ତରେ କିଏ ପଡ଼ିଯାଏ?

(A) ମୀନଜୀବୀ (B) ଜ୍ଞାନୀ

(C) ଅଜ୍ଞାନ (D) ମୀନ

(v) 'ମଙ୍ଗଳେ ଅଇଲା ଉଷା' କେଉଁ କାବ୍ୟରୁ ସଂଗୃହୀତ?

(A) ପ୍ରଣୟବଲ୍ଲରୀ (B) ତପସ୍ୱିନୀ

(C) କୀଚକବଧ (D) ଅର୍ଘ୍ୟଥାଳୀ

(vi) ଲକ୍ଷ ଜୀବନରେ କ'ଣ ଖେଳାଇବାକୁ କବି ଆହ୍ୱାନ ଦେଇଛନ୍ତି ?

(A) ଚନ୍ଦ୍ର ତପନ ତାରା (B) ଭବିଷ୍ୟତର ସ୍ୱପ୍ନ

(C) ଆଲୋକଧାରା (D) ଶଙ୍ଖଶବଦ

(vii) ମାଟିମାଆର ପ୍ରାଣକୁ କାହା ସହିତ କବି ତୁଳନା କରିଛନ୍ତି?

(A) କଅଁଳ ପତର (B) ପାହାଡ଼ ପଥର

(C) ଚେତନାର ଚାବିକାଠି (D) କଅଁଳ ବିଛଣା

(viii) ଭୀମଙ୍କ ସିଂଘନାଦରେ କେତେଦୂରରେ ଥିବା ଯମାଳୟ କମ୍ପି ଉଠିଥିଲା?

(A) ପାଞ୍ଚଲକ୍ଷ ଯୋଜନ (B) ସାତଲକ୍ଷ ଯୋଜନ

(C) ଅନନ୍ତଲକ୍ଷ ଯୋଜନ (D) ଛଅଲକ୍ଷ ଯୋଜନ

(ix) ଚିଲିକା ତଟଦେଶରେ କିଏ ଆଶ୍ରୟ ନେଇଛନ୍ତି?

(A) କଳି (B) ମୀନଜୀବୀ

(C) ଶାନ୍ତି (D) ଦିଗଙ୍ଗନା

(x) ଉଷାକୁ ପ୍ରଶଂସା କରି ସତୀ ସୀତା କେଉଁ ବାକ୍ୟଟି କହିଛନ୍ତି?

(A) ତୁମେ ପ୍ରଶାନ୍ତ ରୂପ (B) ତୁମେ ଜାନକୀ-ଦର୍ଶନ ତୃଷାର୍ତ୍ତ

(C) ତୁମେ ବିକଚ-ରାଜୀବ ଦୃଶା (D) ତୁମେ ତିମିର ବିଧ୍ୱଂସୀ

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 6ଟିର) 6 x 1 = 6

(i) ଲେଖକ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି?

(ii) ରୋଷେଇ ଘରଆଡୁ ମହକ ଶୁଙ୍ଘି ଲେଖକ କ'ଣ ଖାଇବାକୁ ଘର ଭିତରକୁ ଗଲେ?

(iii) ଯୁଦ୍ଧରେ କେତେଜଣ ସେନାପତି ରାଜେଶ୍ୱରୀ ସ୍ଥିର କଲେ?

(iv) ବରଗଛ କୋରଡ଼ରେ କେଉଁ ଗଛ ଉଠିଥିଲା?

(v) ଏଗାରଟା ବେଳକୁ ଚାରିଆଡ଼ କ'ଣ ଜଳିଲା ପରି ଜଣାଯାଉଛି?

(vi) କାରରୁ କିଏ ଓହ୍ଲାଇ ସୁବ୍ରତଙ୍କ ଘର ଆଡ଼କୁ ଆସିଲେ?

(vii) ନରସିଂହ ଦେବ କେଉଁଠି ଉଦିତ ସୂର୍ଯ୍ୟଙ୍କୁ ନମସ୍କାର କଲେ?

(viii) "ଛାମୁ ସୌନ୍ଦର୍ଯ୍ୟର ପୂଜାରୀ"- ଏହା କାହାର ଉକ୍ତି?

***